**ବାଲ୍ୟ ବିବାହ ଅଟକାଇଲେ ଅଙ୍ଗନୱାଡି କର୍ମୀ**

ନନ୍ଦାହାଣ୍ଡି,(ଡି.ଏନ୍.ଏ): ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଏକ ବାଲ୍ୟ ବିବାହ କରିବାକୁ ଉଭୟ ବର ଓ କନ୍ୟା ପକ୍ଷ ଆଲୋଚନା କରୁଥିବାବେଳେ ଅଙ୍ଗନବାଡି କର୍ମୀ ରୋଜ ରୋଜିନା ସଗରିଆ ସେଠାରେ ପହଞ୍ଚି ତାହାକୁ ଅଟକାଇଛନ୍ତି। ୱାର୍ଡ ମେମ୍ବର, ଆଶାକର୍ମୀ ଏବଂ ଗାଁ ଲୋକଙ୍କ ଉପସ୍ଥିତିରେ ପରିବାର ବର୍ଗଙ୍କୁ ବୁଝାସୁଝା କରି ଏହି ବିବାହ ନ କରିବାକୁ ସେ ପରାମର୍ଶ ଦେଇଥିଲେ । ଝିଅର ବିବାହ ଯୋଗ୍ୟ ବୟସ ହେବା ପରେ ତାଙ୍କୁ ବାହା କରିବେ ବୋଲି ପରିବାର ଲୋକେ ପ୍ରତିଶ୍ରୁତି ଦେଇଛନ୍ତି।

# ଚାକିରି ଏସ୍‌ସି କୋଟାରେ, ପଦୋନ୍ନତି ସାଧାରଣ ବର୍ଗରେ

## ଧର୍ମ ପରିବର୍ତ୍ତନ କରିଥିବା କହିଲେ ପଦୋନ୍ନତି ପାଇଥିବା ୨ ଶିକ୍ଷକ

ନବରଙ୍ଗପୁର,୧୧।୧(ବି.ପ୍ର.)

ସଂରକ୍ଷଣ ବ୍ୟବସ୍ଥାରେ ଶିକ୍ଷକ ନିଯୁକ୍ତି ପାଇଲେ। ପଦୋନ୍ନତି ସମୟରେ ସାଧାରଣ ବର୍ଗର ସଂରକ୍ଷଣରେ ଫାଇଦା ନେଲେ। ଏହିଭଳି ଅଭିଯୋଗ ଆସିବା ପରେ ଜିଲା ଶିକ୍ଷା ଅଧିକାରୀ ତଦନ୍ତ ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ବହୁଦିନର ଫାଇଲ ଖୋଜିବାକୁ ପଡ଼ିବ କହି ତଦନ୍ତରେ ଶିଥିଳତା ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏହିଭଳି ଘଟଣା ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଦେଖିବାକୁ ମିଳିଛି।

ତେନ୍ତୁଳିଖୁଣ୍ଟି ବ୍ଲକର ୨ଜଣ ଶିକ୍ଷକ ଅଜୟ କୁମାର ହରିଜନ ଓ ସୁରେନ୍ଦ୍ର ହରିଜନଙ୍କୁ ଜାନୁୟାରୀ ୩ରେ ୫ବି୨ରୁ ପଦୋନ୍ନତି କରାଯାଇ ଲେଭେଲ ୪କୁ ସାଧାରଣ ବର୍ଗରେ ପଦୋନ୍ନତି କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ସାଧାରଣ ବର୍ଗ ସଂରକ୍ଷଣରେ ସୁରେନ୍ଦ୍ରଙ୍କୁ ମଞ୍ଚାଗାଁ ଉଚ୍ଚ ପ୍ରାଥମିକ ଓ ଅଜୟଙ୍କୁ ଗୋଟିପୁଟ ପିୟୁପିଏସ୍‌କୁ ପଦୋନ୍ନତି କରାଯାଇଛି। ସେମାନେ ଅନୁସୂଚିତ ଜାତି ବର୍ଗର ହୋଇଥିବା ବେଳେ ସାଧାରଣ ବର୍ଗରେ ପଦୋନ୍ନତି ପାଇଛନ୍ତି। ବିଇଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ସରକାରୀ ନିୟମାନୁଯାୟୀ, ଜଣେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଶିକ୍ଷକଙ୍କୁ ସାଧାରଣ ବର୍ଗ ସଂରକ୍ଷଣ ମିଳିପାରିବ ନାହିଁ। ତଦନ୍ତ ହେବ। ଯଦି ପଦୋନ୍ନତି ପାଇବାକୁ ସାଧାରଣ ବର୍ଗର ଶିକ୍ଷକ ଥିବେ ତେବେ ପୂର୍ବରୁ ପଦୋନ୍ନତି ପାଇଥିବା ଅନୁସୂଚିତ ଜାତି ବର୍ଗର ଶିକ୍ଷକଙ୍କ ପଦୋନ୍ନତି କାଟି ଦିଆଯିବ। ଯଦି କୌଣସି ଅଧିକାରୀଙ୍କ ଭୁଲ୍ ରହିଛି ତାଙ୍କୁ କୈଫିୟତ ମଗାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି। ଅଜୟ ଓ ସୁରେନ୍ଦ୍ର ଅନୁସୂଚିତ ଜାତି(ଏସ୍‌ସି) ସଂରକ୍ଷଣ ବ୍ୟବସ୍ଥାରେ ଶିକ୍ଷା ସହାୟକ ଚାକିରି ପାଇଥିଲେ। ଅଜୟ ନିୟମିତ ହେବା ପରେ ୨୦୧୨ ଡିସେମ୍ବର ୧୪ରେ ସର୍ଭିସ୍ ବହି ଖୋଲାଯାଇଥିଲା। ସେଠାରେ ଜାତି ଏସ୍‌ସି ଉଲ୍ଲେଖ ଥିଲା। ନୋଟାରିରେ ବ୍ୟକ୍ତିଗତ ସତ୍ୟପାଠ ୨୦୨୧ ଏପ୍ରିଲ ୧୬ରେ ବିଇଓଙ୍କୁ ଦେଇଥିଲେ। ବିଇଓ ୨୦୨୧ ମେ ୩୧ରେ ଅର୍ଡର ନଂ. ୮୭୧/୨୧ ଅନୁଯାୟୀ ସର୍ଭିସ୍ ବହିରେ ଉଲ୍ଲେଖକଲେ ଅଜୟ ଧର୍ମ ପରିବର୍ତ୍ତନ କରିଛନ୍ତି। ଏସ୍‌ସି ବର୍ଗ ପାଇଁ ରହିଥିବା କୌଣସି ସୁବିଧା ସୁଯୋଗ ନେବେ ନାହିଁ। ଏ ନେଇ ସର୍ଭିସ୍ ବହିରେ ଏସ୍‌ସିକୁ କାଟି ସାଧାରଣ ବର୍ଗ ବୋଲି ଉଲ୍ଲେଖ କରାଯାଇଛି। ସେହିଭଳି ସୁରେନ୍ଦ୍ର ହରିଜନ ମଧ୍ୟ ନୋଟାରିରେ ବ୍ୟକ୍ତିଗତ ସତ୍ୟପାଠ ବିଇଓଙ୍କୁ ୨୦୨୧ ଜୁନ୍ ୧ରେ ପ୍ରଦାନ କଲେ। ସେ ଧର୍ମ ପରିବର୍ତ୍ତନ କରିଥିବା କଥା ସେଠାରେ ଉଲ୍ଲେଖ ଥିଲା। ବିଇଓ ତାଙ୍କ ସର୍ଭିସ୍ ବହିରେ ୨୦୨୧ ଜୁନ୍ ୧୭ରେ ଅର୍ଡର ନଂ. ୯୮୫/୨୧ ଅନୁଯାୟୀ ଏସ୍‌ସିବର୍ଗକୁ କାଟି ସାଧାରଣ ବର୍ଗ ଉଲ୍ଲେଖ କରିଛନ୍ତି। ବିଇଓ ସେହି ସମୟରେ ଅଜୟ ଓ ସୁରେନ୍ଦ୍ର ଚାକିରି କରୁଥିବା ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଚିଠିକରି ବିଦ୍ୟାଳୟର ମୂଳ ସର୍ଭିସ୍ ବହିରେ ଏହାକୁ ରଖିବେ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ଏନେଇ ଅଜୟଙ୍କୁ ପଚାରିବାରୁ ସେ ୨୦୦୬ରେ ଏସ୍‌ସି ସଂରକ୍ଷଣ ବ୍ୟବସ୍ଥାରେ ଶିକ୍ଷକ ଚାକିରି ପାଇଥିଲେ। ପରେ ହିନ୍ଦୁଧର୍ମ ପରିବର୍ତ୍ତନ କରିଥିଲେ ବୋଲି କହିଥିଲେ । ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଡିକ୍ଲାରେଶନ ସେ ବିଇଓଙ୍କୁ ଦେଲେ। ୨୦୨୧ରେ ମଧ୍ୟ ଗୋଟିଏ ପଦୋନ୍ନତି ପାଇଛନ୍ତି ଓ ଏବେ ମଧ୍ୟ ସାଧାରଣ ବର୍ଗରେ ପଦୋନ୍ନତି ପାଇଛନ୍ତି । ଅଧିକ ତଥ୍ୟ ଓ ସତ୍ୟାସତ୍ୟ ଜାଣିବା ପାଇଁ ହେଲେ ଅଥରିଟିଙ୍କଠାରୁ ସମସ୍ତ କାଗଜପତ୍ର ନେଇପାରିବେ ବୋଲି ସେ କହିଛନ୍ତି। ଏନେଇ ସୁରେନ୍ଦ୍ରଙ୍କୁ ପଚାରିବାରୁ ସେ ମଧ୍ୟ ଅନୁରୂପ କଥା କହିଥିଲେ। ଏନେଇ ତେନ୍ତୁଳିଖୁଣ୍ଟି ବିଇଓ ସମରେନ୍ଦ୍ର ଭୌମିକଙ୍କୁ ପଚାରିବାରୁ ବହୁଦିନ ତଳର ଫାଇଲ ଖୋଜିବାକୁ ପଡ଼ିବ। ଯାହା ସର୍ଭିସ୍ ବହିର ନକଲରୁ ଜଣାପଡୁଛି ସେହି ସମୟରେ ଅଜୟ ଓ ସୁରେନ୍ଦ୍ର ନୋଟାରିରେ ଆଫିଡେଭିଟ ପରେ ସେମାନେ ଏସ୍‌ସିରୁ ସାଧାରଣ ବର୍ଗକୁ ଆସିଛନ୍ତି। ତେବେ ଫାଇଲ ମିଳିବା ପରେ ପ୍ରକୃତରେ କ'ଣ ହୋଇଛି ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି।

ଧର୍ମ ପରିବର୍ତ୍ତନ ପାଇଁ ସମ୍ବିଧାନିକ ନିୟମ ରହିଛି ସତ। ଧର୍ମ ପରିବର୍ତ୍ତନ ପରେ ସର୍ଭିସ୍ ବହିରେ ଏସ୍‌ସିରୁ ସାଧାରଣ ବର୍ଗକୁ ପରିବର୍ତ୍ତନ କରିଦିଆଗଲା। ଜାତିଗତ ପ୍ରମାଣପତ୍ର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ଏହାର ତଦନ୍ତ କରିବାକୁ ଦାବି ହୋଇଛି। ନୋଟାରିରେ ସତ୍ୟପାଠ କରିଦେବା ଧର୍ମ ପରିବର୍ତ୍ତନ ପାଇଁ ନିୟମ ସମ୍ପୂର୍ଣ୍ଣ କି ବୋଲି ପ୍ରଶ୍ନ ଉଠୁଛି। ଓଡ଼ିଶା ଫ୍ରିଡମ ଅଥ ରିଲିଜିଅନ ରୁଲ୍ ୧୯୮୯ ଅନୁଯାୟୀ ଜଣେ ଧର୍ମ ପରିବର୍ତ୍ତନ କରିବା ପୂର୍ବରୁ ବ୍ୟକ୍ତିଗତ ଇଚ୍ଛାପତ୍ର ଫାଷ୍ଟ କ୍ଲାସ୍ ବିଚାରପତିଙ୍କ ନିକଟରେ ପ୍ରଦାନ କରିବେ। ଧର୍ମ ପରିବର୍ତ୍ତନର ୧୫ ଦିନ ପୂର୍ବରୁ ଧର୍ମଗୁରୁ ତାରିଖ, ସ୍ଥାନ ନିରୂପଣ କରିବେ। ଜିଲା ମାଜିଷ୍ଟ୍ରେଟ ତଥା ଜିଲାପାଳଙ୍କୁ ସୂଚନା ଦେବେ। ଫର୍ମ (କ)ରେ ଜିଲା ମାଜିଷ୍ଟ୍ରେଟଙ୍କୁ ଆବେଦନ କରିବେ । ଜିଲାପାଳ ଏସ୍‌ପିଙ୍କୁ ତାହା ପଠାଇବେ। ଏସ୍‌ପି ତାହାକୁ ସମ୍ପୃକ୍ତ ଥାନାକୁ ପଠାଇବା ପରେ ତଦନ୍ତ ରିପୋର୍ଟ ଥାନା ପକ୍ଷରୁ ଜିଲାପାଳଙ୍କୁ ପ୍ରଧାନ କରାଯିବ। ଜିଲାପାଳ ଏନେଇ ଫର୍ମ ସି ଅନୁଯାୟୀ ରେଜିଷ୍ଟର ପରିଚାଳନା କରିବେ। ଯଦି ଏ ସବୁର ଖିଲାପ ହୋଇଥିବ ତେବେ ଧର୍ମ ପରିବର୍ତ୍ତନ କରିଥିବା ବ୍ୟକ୍ତ ଆଇନତଃ ଜରିମାନା ଦେବେ ବୋଲି ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ କହିଛନ୍ତି।

# ନୂଆବର୍ଷର ଶୁଭେଚ୍ଛା ସହ ଦାବି ଜଣାଇଲେ

## ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଭେଟିଲେ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ଗଣ ପରିଷଦ ସଦସ୍ୟ


ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି.ଅପାଙ୍ଗ ଆଓଙ୍କୁ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ଗଣ ପରିଷଦ ସଦସ୍ୟମାନେ ନୂତନ ବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

ତେନ୍ତୁଳିଖୁଣ୍ଟି, ୧୧।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ଗଣପରିଷଦ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି.ଅପାଙ୍ଗ ଆଓଙ୍କୁ ଭେଟି ନୂଆ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେମାନେ ଅଞ୍ଚଳର ଥିବା ୧୪ଟି ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ପାଇଁ ବିସ୍ଥାପିତଙ୍କ ସମସ୍ୟା ଯଥା ସମ୍ଭବ ସମାଧାନ କରିବାକୁ ଅନୁରୋଧ ରଖିଥିଲେ। ଏହି ସମୟରେ ଇନ୍ଦ୍ରାବତୀ ବୁଡି ଅଞ୍ଚଳ ଗଣପରିଷଦ ସମ୍ପାଦକ ସୁଧୀର ସୁନାଙ୍କ ସହ ସୁନୀଲ ଗରଡା, ସୁରେନ୍ଦ୍ର ମାଝି ଓ ଡମ୍ବୁ ସାନ୍ତା ଉପସ୍ଥିତତ ଥିଲେ। ତିରିଶ ବର୍ଷ ବିତିଗଲାଣି ତଥାପି ବିସ୍ଥାପିତଙ୍କ ହକକୁ ଅଣଶୁଣା କରା ଯାଉଛି। ୨ ବର୍ଷ ହେବ କିଛିଟା ସମସ୍ୟା ସମାଧାନ ହେଲାଣି। କିନ୍ତୁ ଆହୁରି ଅନେକ ସମସ୍ୟା ରହିଛି। ସେ ସବୁ ସମାଧାନ ପାଇଁ ସମ୍ପାଦକ ସୁଧୀର ଅନୁରୋଧ କରିଛନ୍ତି।

# ଧୁମଧାମରେ ପାଳନ ହେଲା ଚଚା ମହୋତ୍ସବ

**ଝରିଗାଁ, ୧୧।୧(ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ଗ୍ରାମର ବୁଢ଼ା ଚାଉଁରିଆ ଦେବଙ୍କ ମଣ୍ଡେଇ ମହୋତ୍ସବ ପାଳିତ ହୋଇଛି। ଝରିଗାଁ ବ୍ଲକ ଅଧ୍ୟକ୍ଷ ତଥା ସିଦ୍ଧି ବିନାୟକ କ୍ଲବ ସଭାପତି ଦୁର୍ଗା ପ୍ରସାଦ ମାଝିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକ ପ୍ରତିନିଧି ରାମଧର ମାଝି, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ରଜନୀକାନ୍ତ ପଟ୍ଟନାୟକ, ବ୍ଲକ୍ ବିଜେଡ଼ି ସଭାପତି ଟିକଚାନ୍ଦ ମାଝି,ବ୍ଲକ ଉପାଧ୍ୟକ୍ଷା ମନଦେଇ ମାଝି, ଜିଲା ପରିଷଦ ସଭ୍ୟା ତ୍ରମିଳା ପୂଜାରୀ, ଯମୁନା ଗଣ୍ଡ, ସରପଞ୍ଚ ମୋହନ ନାୟକ, ଗୀତାଞ୍ଜଳୀ ଭତ୍ରା, ଲଛମା ଗଣ୍ଡ, ନରସିଂହ ମାଝି, ଦଳପତି ମାଝି, ଗଣପତି ପୂଜାରୀ, ସହଦେ ଗୌଡ଼, ଡବଲ ପୂଜାରୀ,ଟୁକଲ ରାମ ପୂଜାରି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। କୋରାପୁଟ ଓ ନବରଙ୍ଗପୁରର ପାରମ୍ପରିକ ଢେମସା, ବରଗଡ଼ର ଲୋକନୃତ୍ୟ ବାଜାଶାଳ, କଳାହାଣ୍ଡିର ଘୁମୁରା, କଳାହାଣ୍ଡିର ବିରବାଦ୍ୟ ଓ ଛତିଶଗଡ଼ର ସାଂସ୍କୃତିକ ନାଟକକୁ ଅତିଥି ଓ ଉପସ୍ଥିତ ଲୋକେ ଉପଭୋଗ କରିଥିଲେ। ଏହିଅବସରରେ ଏମ୍‌ପିଙ୍କୁ ସ୍ୱାଗତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ

ଡାବୁଗାଁ, ୧୧।୧ (ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କ୍ୟାରମ ଅନୁଷ୍ଠାନ ପକ୍ଷରୁ ୧୦ଜଣ ଯକ୍ଷ୍ମା ରୋଗୀଙ୍କୁ ୬ ମାସ ବା ଚିକିତ୍ସା ସରିବା ପର୍ଯ୍ୟନ୍ତ ନିୟମିତ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ଡ.ଜୀନ କୁମାର ଦୀକ୍ଷିତ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସେ ଶୁଖିଲା ପୁଷ୍ଟିକର ଖାଦ୍ୟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡ.ମାନସ ପ୍ରହରାଜ, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟି.ଶିବା, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ପିତବାସ ଗାହାଣ, ସ୍ୱାସ୍ଥ୍ୟ କର୍ମୀ ତଥା ପ୍ରକଳ୍ପ ସଂଯୋଜିକା ଅନୁଶୟା ଲେଙ୍କା, ସ୍ୱାସ୍ଥ୍ୟ ସହାୟିକା ଶାନ୍ତି ଭଣ୍ଡାରୀ ଓ କୁମନି ମାଝିଙ୍କ ସହ ଆଶା କର୍ମୀ ଉପସ୍ଥିତ ଥିଲେ। ୧୦ ଜଣ ଯକ୍ଷ୍ମା ରୋଗୀଙ୍କ ପରିବାର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଏଥିରେ ସହଯୋଗ କରିଥିଲେ।




# ବିଜେଡି ପ୍ରତିଷ୍ଠା ଦିବସ

ବୈପାରିଗୁଡ଼ା, ୧୧।୧(ଡି.ଏନ୍.ଏ.)

ବିଜେଡିର ପ୍ରତିଷ୍ଠା ଦିବସ ବୈପାରିଗୁଡ଼ା ଦଶହରା ପଡ଼ିଆରେ ପାଳନ କରାଯାଇଛି। ବ୍ଲକ ସଭାପତି ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ,ପଟାଙ୍ଗି ବିଧାୟକ ପୀତମ ପାଢ଼ୀ, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, ନବରଙ୍ଗପୁର ଏମ୍‌ପି ରମେଶ ମାଝି , ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, କୋରାପୁଟ ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ଯୁବ ବିଜେଡି ଜିଲା ସଭାପତି ଲଲାଟେନ୍ଦୁ ସେଠୀ, ବ୍ଲକ ଉପସଭାପତି ରମେଶ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ଅତିଥି ଗୁରୁତାରୋପ କରିଥିଲେ।

इंडियन बैंक Indian Bank
इलाहाबाद ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଶାଖା/ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ପଟିଆ ଶାଖା** ଋଣଗ୍ରହୀତାମାନେ: (୧) ଶ୍ରୀ ପ୍ରଦୀପ୍ତ କୁମାର ସେନ୍, ପିତା: ଶ୍ରୀ ରାମଚନ୍ଦ୍ର ସେନ୍, (୨) ଶ୍ରୀମତୀ ଲିପିକା ଦାସ, ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, ଉଭୟଙ୍କ ଠିକଣା: ସା-କାଞ୍ଛିଲୋ, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୧୦୧ । | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଛିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫ । | ୦୪.୦୯.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୩୫,୮୯,୩୪୧.୭୭ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ସିରିଲୋ ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମାସୁଦ୍ ଅଲି ଖାନ୍, ମେସର୍ସ କୋହିନୂର ଫ୍ଲାଏ ଆସ୍ ବ୍ରିକ୍ସର ସତ୍ତ୍ୱାଧିକାରୀ, ପିତା: ୰ସେର୍ ଖାନ୍, ଜାମିନ୍‌ଦାର: ଶ୍ରୀ ସହବାଜ ଅଲି ଖାନ୍, ପିତା: ମାସୁଦ୍ ଅଲି ଖାନ୍, ଉଭୟଙ୍କ ଠିକଣା: ସା-ଧରାଧରପୁର, ପୋ.- ରଘୁନାଥପୁର, ଜିଲ୍ଲା-ଜଗତସିଂହପୁର-୭୫୪୧୩୨ । | ଜମି ଏବଂ ଗୃହ ଯାହାର ଖାତା ନଂ.୩୪୦/୩୬, ପ୍ଲଟ ନଂ.୧୩୨୨, ଏରିଆ: ୦.୭୬ ଡିସିମିଲି (କିସମ-ଘରବାରି), ପ୍ଲଟ ନଂ.୧୩୫୩, ଏରିଆ: ୦.୧୪ ଡିସିମିଲି, ଏବଂ ପ୍ଲଟ ନଂ.୧୩୨୧, ଏରିଆ: ୦.୨୦ ଡିସିମିଲି (କିସମ ବିଆଳି ଦୁଇ ଫସଲି), ମୌଜା: କନ୍ଦରାପଟି, ଥାନା: ରଘୁନାଥପୁର ନଂ.୧୪୧, ତହସିଲି: ରଘୁନାଥପୁର ନଂ.୧୪୧, ଜିଲ୍ଲା-ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଫତିମା ବିବି, ଦକ୍ଷିଣ- କ୍ରେତା ନିଜେ, ପୂର୍ବ- ଗୋଲକ ରାଉତ, ପଶ୍ଚିମ- ରସ୍ତା । | ୧୯.୧୦.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୨୪,୦୦,୭୭୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ସହୀଦ ନଗର ଶାଖା** ଋଣଗ୍ରହୀତା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ମେସର୍ସ ଲିଙ୍ଗରାଜ ସପ୍ଲାୟର ର ସତ୍ତ୍ୱାଧିକାରୀ, ବ୍ୟବସାୟ ଠିକଣା: ପ୍ଲଟ ନଂ. ଏଲ୍‌ବି-୨୯୬, ଭିମଟାଙ୍ଗି ଏଚ୍‌ବି କଲୋନୀ, ଫେଜ୍-୨, ଓଲ୍ଡ ଟାଉନ, ଭୁବନେଶ୍ୱର-୭୫୧୦୦୨, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭିମଟାଙ୍ଗି, ଓଲ୍ଡ ଟାଉନ, ଭୁବନେଶ୍ୱର-୭୫୧୦୦୨, ଜାମିନ୍‌ଦାର: ଶ୍ରୀମତୀ ସିପ୍ରା ସୁନ୍ଦରାୟ, ସ୍ୱା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭୁବନେଶ୍ୱର-୭୫୧୦୦୨ । | ଶ୍ରୀ ଲିଙ୍ଗରାଜ ପ୍ରଧାନଙ୍କ ନାମରେ ଥିବା ବାସପୋଯୋଗି ସମ୍ପତ୍ତି ଯାହାର ପ୍ଲଟ ନଂ.୩୩୦/୨୨୦୮, ଖାତା ନଂ.୯୯୪/୧୪୦, ମୌଜା: ଭୁବନେଶ୍ୱର, ୟୁନିଟ୍ ନଂ.୨୭, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୫୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୩୩୦(ପି), ପଶ୍ଚିମ- ରାସ୍ତା, ଉତ୍ତର- ପ୍ଲଟ ନଂ.୩୩୦(ପି), ଦକ୍ଷିଣ- ପ୍ଲଟ ନଂ.୨୯୭୩(ପି) । | ୨୬.୧୦.୨୦୨୨ | ୧୧.୦୧.୨୦୨୩ | ଟ.୪୬,୪୧,୩୩୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୧.୦୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ



**ଗଞ୍ଜେଇ ଜବତ, ଜଣେ ଗିରଫ**

**ମାଲକାନଗିରି, (ଡି.ଏନ.ଏ.):** ମାଲକାନଗିରି ଜିଲା ସଦର ମହକୁମା ବାଲିମେଲା ଛକଠାରେ ଅବକାରୀ ବିଭାଗ କର୍ମଚାରୀ ଜଣେ ଗଞ୍ଜେଇ ଚୋରାଚାଲାଣ କାରୀଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ୯କିଲୋ ଗଞ୍ଜେଇ ଜବତ ହୋଇଛି। କୋରାପୁଟ ଜିଲା ଲମତାପୁଟର ବାବୁଲା ବାଘ ଏକ ବ୍ୟାଗରେ ଗଞ୍ଜେଇ ନେଇ ଯାଉଥିବା ସୂଚନା ପାଇ ଅବକାରୀ ଇନ୍ସପେକ୍ଟର ଆଶିଷ ନାୟକଙ୍କ ନେତୃତ୍ୱରେ ଏକ ଟିମ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ତାଙ୍କଠାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା।

## ସଂକ୍ଷେପରେ

### ଲକ୍ଷ୍ମୀ ପଣ୍ଡା ଛକରୁ ଜବରଦଖଲ ଉଚ୍ଛେଦ



**ଜୟପୁର, ୧୧।୧(ନି.ପ୍ର.):** ଜୟପୁର ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥର ଲକ୍ଷ୍ମୀ ପଣ୍ଡା ଛକ ନିକଟରେ ବୁଧବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଜାତୀୟ ରାଜପଥ ବିଭାଗ ରାସ୍ତା ନିର୍ମାଣ କରିବାକୁ ଥିବାରୁ ଏହି ଉଚ୍ଛେଦ କରାଯାଇଛି। ଲୁହା ଦୋକାନ, ଗ୍ୟାରେଜ, ମିନି ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ, ଟ୍ରାକ୍ଟର ମାଲିକ ସଂଘ କାର୍ଯ୍ୟାଳୟ, ହୋଟେଲ ଆଦି ଏହି ସ୍ଥାନରୁ ଉଚ୍ଛେଦ ହୋଇଛି। ଏହି ସମୟରେ ତହସିଲଦାର ପ୍ରଧାନ ଟୁଲ୍ଲିଆମ୍ମା, ଜାତୀୟ ରାଜପଥ ବିଭାଗ ଅଧିକାରୀ ଓ ଟାଉନ ଥାନା ପୋଲିସ ଉପସ୍ଥିତ ଥିଲେ।

### ପୌରାଧକ୍ଷଙ୍କ ସମୀକ୍ଷା

**ମାଲକାନଗିରି, ୧୧।୧(ଡି.ଏନ.ଏ.)-** ପୌର ଅଧକ୍ଷ ମନୋଜ ବାରିକ ମାଲକାନଗିରି ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସଫେଇ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଠିକ୍ ରୂପେ ନିଜ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲାରେ ସ୍ୱଚ୍ଛତା ମିଶନକୁ ସଫଳ କରିବା ପାଇଁ ଗୁରୁତ୍ୱ ଦେଇଛନ୍ତି। ନିଜ ଅଞ୍ଚଳକୁ ନିଜେ ସଫା ରଖିବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

### ମାଥିଲି ପଞ୍ଚାୟତରେ ଗ୍ରାମସଭା

**ମାଥିଲି,୧୧।୧ (ଡି.ଏନ.ଏ.):** ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତରେ ସରପଞ୍ଚ କାନାମ ରାଜୁ ନାୟକଙ୍କ ଅଧକ୍ଷତାରେ ବୁଧବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ବେହେରା , ସିପି ସନ୍ତୋଷ ଦାସ, ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ପିଇଓ ଅଶୋକ ମହାରଣା ଯୋଗ ଦେଇ ପୂର୍ବରୁ ହୋଇଥିବା ପଲିସଭାରେ ଅନୁମୋଦନ ଲାଭ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ପଲିସଭାରେ ଉପସ୍ଥାପନ କରାଯାଇଥିଲା। ଗ୍ରାମସଭାରେ ସମସ୍ତ ୱାର୍ଡମେମ୍ବର ଓ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ।

### କଂଗ୍ରେସରେ ଯୋଗଦେଲେ ୧୧

**ଜୟପୁର,୧୧।୧(ନି.ପ୍ର.):** ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକଙ୍କ ନେତୃତ୍ୱରେ ରାଣୀଗଡ଼ ପଞ୍ଚାୟତର ବିଜେଡିର କେତେଜଣ ପୁରୁଖା ନେତା କଂଗ୍ରେସରେ ଯୋଗଦେଇଛନ୍ତି। ସେମାନେ ହେଲେ ଭାଲିଆଗୁଡ଼ାର ରବି ପେଣ୍ଟିଆ, ଭଗୁ ହରିଜନ, ଯଦ୍ଧୁ ପେଣ୍ଟିଆ, ବିରିପାଲିଗୁମ୍ମାର ଗୋବର୍ଦ୍ଧନ ନାୟକ, ମୋହନ ବାଲାପୁଟିଆ, ଭାସ୍କର ନାୟକ, ବିଦ୍ୟା ନାୟକ, ଭାସ୍କର ପାଇକ, ଚନ୍ଦ୍ର ପ୍ରଧାନୀ, ଉଦ୍ଧବ ପାଟା, ବରିପୁଟର ଧନୁର୍ଜୟ ଗୌଡ଼।

### ମହୁମାଛି ଆକ୍ରମଣରେ ଜଣେ ଗୁରୁତର

**ପାପଡ଼ାହାଣ୍ଡି,୧୧।୧(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ଭଲ୍ଲା ପଞ୍ଚାୟତ ହିର୍ଲି ଗ୍ରାମରେ ମହୁମାଛି ଆକ୍ରମଣରେ ବୁଧବାର ଜଣେ ପକ୍ଷାଘାତ ରୋଗୀ ଗୁରୁତର ହୋଇଛନ୍ତି। ସେ ହେଲେ କେଶବ ମାଝି। କେଶବ ଶୌଚ ପାଇଁ ଯାଇଥିବାବେଳେ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲା। ଗ୍ରାମବାସୀ ଉଦ୍ଧାର କରି ତାଙ୍କ ଘର ଲୋକଙ୍କୁ ଜଣାଇବା ସହ ଏକ ଅଟୋରେ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ନବରଙ୍ଗପୁର ପଠାଯାଇଛି।

### ଗାଳି ସହି ନ ପାରି ପୁଅର ଆତ୍ମହତ୍ୟା

**ମାଲକାନଗିରି, ୧୧।୧(ଡି.ଏନ.ଏ.):** ମା'ବାପାଙ୍କ ଗାଳି ସହି ନ ପାରି ମା'ଙ୍କ ଶାଢୀ ବେକରେ ବାନ୍ଧି ଜଣେ ଛାତ୍ର ବୁଧବାର ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଏମ୍ଭି-୫୧ ଗ୍ରାମର ଗୋପାଳ ବିଶ୍ୱାସଙ୍କ ପୁଅ ପ୍ରଦୀପ। ପ୍ରଦୀପଙ୍କୁ ତାଙ୍କ ମା' ବାପା କୌଣସି କଥାକୁ ନେଇ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ସେ ଆତ୍ମହତ୍ୟା କରିଦେଇଥିଲେ। ଖବର ପାଇ ଅର୍କେଲ ଥାନା ଅଧିକାରୀ ଜନ କୁଜୁର ନିଜ ଟିମ ସହ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

### ଜୁଆଆଡ୍ଡାରେ ଚଢାଉ, ୩ ଗିରଫ

**ଜୟପୁର, ୧୧।୧(ନି.ପ୍ର.):** ଜୟପୁର ସଦର ଥାନା ଅନ୍ତର୍ଗତ ଟାଙ୍ଗୁଆରେ ଜୁଆ ଖେଳ ଚାଲୁଥିବା ସୂଚନା ପାଇ ସଦର ପୋଲିସ ଚଢାଉ କରି ୩ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଦୁରୁ ପରଜା (୨୫), ଅଜିତ ପଣ୍ଡା (୪୬) ଓ ମୁରଲିଧର ରାଉତ। ସେମାନଙ୍କଠାରୁ ୩ ହଜାର ୮ ଶହ ଟଙ୍କା, ତାସ କାର୍ଡ ଜବତ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ମଣ୍ଡିରେ ଧାନ ସମସ୍ୟା ସମାଧାନ ନ ହେଲେ ୧୪ରୁ ଆନ୍ଦୋଳନ

**ମାଲକାନଗିରି, ୧୧।୧(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ମଣ୍ଡି ଖୋଲି ସାରିଥିବା ବେଳେ ଏବେ ମଧ୍ୟ ଅନେକ ଚାଷୀଙ୍କୁ ଟୋକନ ମିଳିନି। ଯେଉଁମାନଙ୍କୁ ମିଳିଛି ତାହା ସେମାନଙ୍କ ଅମଳ ଫସଲର ୨୦ରୁ୩୦ ପ୍ରତିଶତ ଧାନ ବିକ୍ରି ଲାଗି ନିର୍ଦ୍ଦେଶ ରହିଛି। ମଣ୍ଡିରେ ଟାର୍ଗେଟ ସରି ଆସୁଥିବା ବେଳେ ଚାଷୀଙ୍କ ବହୁ ପରିମାଣର ଧାନ ବାହାରେ ପଡି ରହିଛି। ଚାଷୀଙ୍କ ଏହି ସମସ୍ୟା ସମାଧାନ କରିବାକୁ କଂଗ୍ରେସ ଦାବି କରିଛି। ନ ହେଲେ ଆସନ୍ତା ୧୪ରୁ ଆନ୍ଦୋଳନ କରିବାକୁ ଦଳ ଚେତାବନୀ ଦେଇଛି। ଆଜି ଜିଲା ସଦରସ୍ଥିତ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। କେତେକ ଚାଷୀ ସେମାନଙ୍କ କଷ୍ଟଲବ୍ଧ ଉତ୍ପାଦନ ଧାନକୁ ଶାଗ ମାଛ ଦରରେ ଦଲାଲଙ୍କୁ ବିକ୍ରି କରିଦେଉଛନ୍ତି। ପ୍ରତେହ ଟ୍ରକ ଟ୍ରକ ଧାନ ଆନ୍ଧ୍ର ଚାଲାଣ ହେଉଛି। କାଲିମେଲା ଲ୍ୟାମ୍ପ ଅଧୀନରେ ଥିବା ମଣ୍ଡିରେ ଦଲାଲମାନେ ଚାଷୀ ସାଜିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ମଣ୍ଡି ଗୁଡିକରେ ଦଲାଲମାନେ ସକ୍ରିୟ ଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ ଯୋଗାଣ ବିଭାଗ ନୀରବ ରହିଛି। ଚାଷୀ ଉଚିତ ମୂଲ୍ୟ ପାଇପାରୁ ନ ଥିବାରୁ ଋଣ ଶୁଝିବା ନେଇ ଚିନ୍ତାରେ ପଡିଛି। ୧୩ ତାରିଖ ସୁଦ୍ଧା ଏହି ସମସ୍ୟାର ସମାଧାନ ନ ହେଲେ ୧୪ରୁ ଜିଲା କଂଗ୍ରେସ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ବରିଷ୍ଠ ନେତା ଶରତ ବୁରୁଦା, ଜିଲା ପରିଷଦ ସଦସ୍ୟ ମଙ୍ଗୁ ଖିଲ, ଜି. ଶ୍ରୀନିବାସ ରାଓ, ଇଶାକ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

# ଗଙ୍ଗାଧର ସ୍ମାରକୀ ଆଞ୍ଚଳିକ ମେଧା ଅନ୍ୱେଷଣ ପରୀକ୍ଷା

**ବୋରିଗୁମ୍ମା,୧୧।୧(ଡି.ଏନ୍.ଏ.)**

ବୋରିଗୁମ୍ମା ବ୍ଲକ କୁମୁଲି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗଙ୍ଗାଧର ସ୍ମାରକୀ ଆଞ୍ଚଳିକ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ କୁମୁଲି ଅଞ୍ଚଳର ୧୧ଟି ସ୍କୁଲର ନବମ ଓ ଦଶମ ଶ୍ରେଣୀର ୮୭ ଜଣ , ୧୩ଟି ସ୍କୁଲର ଷଷ୍ଠ ଓ ସପ୍ତମ ଶ୍ରେଣୀର ୬୪ ଜଣ, ୯ଟି ସ୍କୁଲର ୮୦ ଜଣ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ ଅଞ୍ଚଳର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ପରୀକ୍ଷା ଖାତା ମୂଲ୍ୟାଙ୍କନ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଗଙ୍ଗାଧର ସ୍ମାରକୀ ଆଞ୍ଚଳିକ ମେଧା ଅନ୍ୱେଷଣ ପରୀକ୍ଷାର ସଭାପତି ଶିକ୍ଷକ ଲମ୍ବୋଦର ପଣ୍ଡା ଅଧକ୍ଷତା କରିଥିଲେ। କୁନ୍ଦୁରା ବିଜୁ ପଟ୍ଟନାୟକ କଲେଜର ଅଧ୍ୟାପକ ଦୁର୍ଗାପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ପାଇଁ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ବୋରିଗୁମ୍ମା ଭୈରବ ଡିଗ୍ରୀ କଲେଜର ଅଧ୍ୟାପକ ସଦାଶିବ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ଶତପଥୀ ଯୋଗଦେଇଥିଲେ । ସିନିୟର ବିଭାଗରେ ତରାଭଟା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଶିବାନନ୍ଦ ତ୍ରିପାଠୀ, ଜୁନିୟରରେ ତରାଭଟା ଆଦର୍ଶ ବିଦ୍ୟାଳୟର ଷଷ୍ଠଶ୍ରେଣୀର ଛାତ୍ର ସ୍ୱୟଂଶୁ ପ୍ରସାଦ ହୋତା, ସବ୍ ଜୁନିୟରରେ ପୋଡ଼ାପଦର ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀ ଓ କୁମୁଲି ସରସ୍ୱତୀ ଶିଶୁ ମନ୍ଦିରର ପଞ୍ଚମ ଶ୍ରେଣୀର ପ୍ରପିତାପ୍ରିୟା ହୋତା କୃତକାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ। ଶିକ୍ଷକ ରାଜୀବ ଲୋଚନ ମହାପାତ୍ର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପଦ୍ମାଳୟା ହୋତା, ବିଜୟ ହୋତା, ହରିହର ଶତପଥୀ, ରାଜେଶ ଦାସ, ସନ୍ତୋଷ ନାୟକ, ଦେବେନ୍ଦ୍ର ପଣ୍ଡା ସହଯୋଗ କରିଥିଲେ। ଶିକ୍ଷକ ପାର୍ଥସାରଥି ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୧୭୩ ପଡ଼ାଗ୍ରାମକୁ ବିଦ୍ୟୁତ୍ ଯୋଗାଣ ନିଷ୍ପତ୍ତି

**କୋରାପୁଟ,୧୧।୧(ସ୍ୱ.ପ୍ର.)**

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ୧୮ତମ ଜିଲା ବିଦ୍ୟୁତ୍ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଦ୍ୟୁତ୍ ନ ଥିବା ୧୭୩ଟି ପଡ଼ାଗ୍ରାମରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ଜିଲା ବିଦ୍ୟୁତ୍ କମିଟି ଅଧକ୍ଷ ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାପାଳ ଅବଦାଲ ଏମ୍. ଅଖତାର, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଜିଲା ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମାନସ ମିଶ୍ର, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନିର୍ବାହୀ ଅଧିକାରୀ ଗୌରବ ଇସାଲୱାର, ଜିଲା ଯୋଜନା ଅଧିକାରୀ ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ ଜିଲାର ଅନ୍ୟ ବିଧାୟକଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ଜିଲାର ୧୭୩ଟି ପଡ଼ାଗ୍ରାମକୁ କିପରି ବିଦ୍ୟୁତ୍ ଯୋଗାଣ ଶୀଘ୍ର ହେବ ସେନେଇ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲାର ଗ୍ରାମାଞ୍ଚଳରେ ଟ୍ରାନ୍ସଫର୍ମର ପୋଡ଼ିଗଲେ ୪୮ ଘଣ୍ଟା ମଧ୍ୟରେ ମରାମତି କରିବା , କୋଟିଆ ପଞ୍ଚାୟତ ଅଞ୍ଚଳରେ ଥିବା ସମସ୍ତ ରାଜସ୍ୱ ଓ ପଡ଼ାଗ୍ରାମରେ ବିଦ୍ୟୁତ୍ ଯୋଗାଣ ନେଇ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କୋଟିଆ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ପାଇଁ ଟେଣ୍ଡର କାର୍ଯ୍ୟ ସରିଛି। ଏ ଦିଗରେ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।



ଜିଲା ବିଦ୍ୟୁତ୍ କମିଟି ବୈଠକରେ ଅତିଥି, ଅଧିକାରୀ ଆଲୋଚନା କରୁଛନ୍ତି।

# ୨ ରେଞ୍ଜରେ ପକ୍ଷୀ ଗଣନା ଶେଷ

**କୋରାପୁଟ/ ମାଲକାନଗିରି, ୧୧।୧(ସ୍ୱ.ପ୍ର./ଡି.ଏନ୍.ଏ.)**



କୋରାପୁଟ ବନାଞ୍ଚଳର ୫ଟି ଜଳଭଣ୍ଡାରରେ ପକ୍ଷୀ ଗଣନା ବୁଧବାର ଶେଷ ହୋଇଛି। ମୋଟ ୨୯୪୦ ବିଭିନ୍ନ ପ୍ରଜାତିର ପକ୍ଷୀ ଚିହ୍ନଟ ହୋଇଛନ୍ତି। ଏହା ପୂର୍ବ ବର୍ଷ ଅପେକ୍ଷା ଅଧିକ ବୋଲି ରେଞ୍ଜ ଅଧିକାରୀ ରୋହିତ କୁମାର କହିଛନ୍ତି। କୋରାପୁଟ ବନାଞ୍ଚଳ ଅଧୀନରେ ଥିବା କୋଲାବ ଜଳଭଣ୍ଡାର, ଦାମନଯୋଡିସ୍ଥିତ ଆଶ ପଣ୍ଡ, ଡଙ୍ଗ୍ରୀ ମାଳିଗୁଡା ଡ୍ୟାମ, ବାଗ୍ରା ଜଳଭଣ୍ଡାର ଓ ରାଣୀଗଡ ଡ୍ୟାମରେ ୫ଟି ଟିମ୍ ଦ୍ୱାରା ପକ୍ଷୀ ଗଣନା କରାଯାଇଥିଲା। ପ୍ରତି ଟିମରେ ଜଣେ ଲେଖାଏ ଫରେଷ୍ଟର, ଜଣେ ଫରେଷ୍ଟ ଗାର୍ଡ, ୩ ଜଣ ପାରାଫରେଷ୍ଟର କର୍ମଚାରୀ, ଜଣେ ପକ୍ଷୀ ଗଣନାକାରୀ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳରେ ବନ ସୁରକ୍ଷା ସମିତିଗୁଡିକ ଦ୍ୱାରା ସଚେତନତା ଓ ସୁରକ୍ଷା ପ୍ରଦାନ କରାଯିବା ଦ୍ୱାରା ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ରେଞ୍ଜ ଅଧିକାରୀ କୁମାର ପ୍ରକାଶ କରିଛନ୍ତି।

ସେହିପରି ମାଲକାନଗିରି ବନଖଣ୍ଡରେ ଚଳିତ ବର୍ଷର ପକ୍ଷୀ ଗଣନା ଶେଷ ହୋଇଛି। ବନଖଣ୍ଡର ୯ଟି ସ୍ଥାନରେ ୧୦ଟି ଟିମ୍‌କୁ ନେଇ ପକ୍ଷୀ ଗଣନା କରାଯାଇଥିଲ। ମୋଟ ୪୪ ପ୍ରଜାତିର ୧୪୨୩୦ ପକ୍ଷୀ ଥିବା ଆକଳନ କରାଯାଇଛି। ସେଥିମଧ୍ୟରୁ ୩୨ ପ୍ରଜାତିର ବିଦେଶାଗତ ପକ୍ଷୀ ଥିବା ଜଣାଯାଇଛି। ଟିମ୍ ବନାଞ୍ଚଳର ସତୀଗୁଡା ବନ୍ଧ, ମାଥିଲି ବନାଞ୍ଚଳର ଶିବ ସାଗର, ଏବଂ ବାଲିମେଲା ମାଟିବନ୍ଧ, ଚିତ୍ରକୋଣ୍ଡା ଜଳଭଣ୍ଡାରରେ ପକ୍ଷୀ ଗଣନା କରିଥିଲେ। ପକ୍ଷୀ ଗଣନା ପାଇଁ ଜାନୁଆରୀ ୨ରୁ ସମସ୍ତ ପ୍ରସ୍ତୁତି ହୋଇଥିଲା। କ୍ଷେତ୍ର କର୍ମଚାରୀଙ୍କୁ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ନିମାଇ ଚରଣ ପଲେଇ ଏବଂ ଭକ୍ତ ପଦାରବିନ୍ଦ ତାଲିମ ଦେଇଥିଲେ। ପକ୍ଷୀ ଗଣନାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲ୍ଲିଙ୍କ ତତ୍ତ୍ୱାବଧାନରେ ସହକାରୀ ବନ ସଂରକ୍ଷକ କନ୍ଦନ ସିଂ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରାମକୃଷ୍ଣ ଚୌଧୁରୀ ପରିଚାଳନା କରିଥିଲେ।

## ବାଲ୍ୟବିବାହ ରୋକିବା ନେଇ ସଚେତନତା

**କୁଡୁମୁଲୁଗୁମ୍ମା,୧୧।୧(ଡି.ଏନ୍.ଏ.)**

ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ଠାରେ ବଣ୍ଡା ଉନ୍ନୟନ ସଂସ୍ଥା ପକ୍ଷରୁ ବାଲ୍ୟବିବାହ ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମୁଦୁଲିପଡ଼ା ଗ୍ରାମ ପରିକ୍ରମାକରି ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁ ଯୋଗଦେଇ ଲୋକମାନଙ୍କୁ ବାଲ୍ୟବିବାହ ରୋକିବା ଲାଗି ପରାମର୍ଶ ଦେଇ ଏହାଦ୍ୱାରା କେଉଁ ସମସ୍ୟା ସବୁ ସୃଷ୍ଟି ହୁଏ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଦୁଲିପଡ଼ା ସରପଞ୍ଚ ସମ୍ବାରି ଧାଙ୍ଗଡ଼ାମାଝି, ସିଡିପିଓ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ।

## ଭଲିବଲ ଟୁର୍ନାମେଣ୍ଟ: ବିପିନ ସିକ୍ସ ବିଜୟୀ

**ଜୟପୁର,୧୧।୧ (ନି.ପ୍ର.)**

ଜୟପୁର ପଞ୍ଚାୟତ ସମିତି ଅନ୍ତର୍ଗତ ରାଣୀଗଡ଼ଠାରେ ମାଁ ସାତଭଉଣୀ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବିପିନ ସିକ୍ସ ବନାମ ଜିତୁ ସିକ୍ସ ମଧ୍ୟରେ ହୋଇଥିଲା। ବିପିନ ସିକ୍ସ ଦଳ ବିଜୟୀ ହୋଇଥିଲା।

## ଏମ୍.ଭି ୬୭ ବିଦ୍ୟାଳୟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ମାଲକାନଗିରି/କାଲିମେଲା,୧୧।୧ (ଡି.ଏନ.ଏ.)**

କାଲିମେଲା ବ୍ଲକ ଅନ୍ତର୍ଗତ କୋଇମେଟଲା ପଞ୍ଚାୟତ ଏମ୍.ଭି -୬୭ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ ଓ ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସୁବାସିନି ସୋଡି ,ସମ୍ମାନିତ ଅତିଥି ଏବିଓ ଚିନ୍ତାହରଣ ମଧୁ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ସରପଞ୍ଚ ମୁନ୍ନା ପଡ଼ିଆମି ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ ସାମଲ, ସିଆରସିସି ଦୁଲାଲ ରାୟ, ପ୍ରଧାନ ଶିକ୍ଷକ ପ୍ରମୋଦ ପଟ୍ଟନାୟକ, ବିମଳ ମଣ୍ଡଳ, ବିଭୁ ପାତ୍ର, ରଞ୍ଜିତା ଜେନା, ସନ୍ଧ୍ୟାରାଣୀ ରାଉତ, ଚପଳା ରାଉତ , ୱାର୍ଡ ମେମ୍ବର ଲିପିକା ଦାସ, ସ୍କୁଲ କମିଟି ସଭାପତି ଦିପଙ୍କର ମଣ୍ଡଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ



ମହୋତ୍ସବରେ ଏକ ସାଂସ୍କୃତିକ ଦଳର ନୃତ୍ୟ ପରିବେଷଣ।

**କୋରୁକୋଣ୍ଡା ୧୧।୧(ଡି. ଏନ. ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦମହକୁମାସ୍ଥିତ ପଡିଆରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ବିଡିଓ ଅଂଶୁମାନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଟକଗୁଡ଼ାସ୍ଥିତ ଜଳେଶର ଶିବ ମନ୍ଦିର ନିକଟସ୍ଥ ନଦୀରୁ ଜଳ ସଂଗ୍ରହ କରି କୋରୁକୋଣ୍ଡା ମାଉଳି ମା ମନ୍ଦିରକୁ ଆଣି ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ବ୍ଲକ ପଡିଆକୁ ଅଣାଯାଇଥିଲା। ଏହି କଳସ ଯାତ୍ରାରେ ଆଦିବାସୀଙ୍କ ପାରମ୍ପରିକ ବାଦ୍ୟ, ନୃତ୍ୟ ପରିବେଷଣ କରାଯାଇଥିଲା। ଏସ୍‌ଏଚଜି ସଦସ୍ୟା, ଛାତ୍ରୀଛାତ୍ର, ସ୍ଥାନୀୟ ବାସିନ୍ଦା, ଯୁବ ସଙ୍ଗଠନ ସଦସ୍ୟ, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଓ ଜନ ପ୍ରତିନିଧି ସାମିଲ ହୋଇଥିଲେ। ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଆଦିବାସୀ ନୃତ୍ୟରେ ସାମିଲ ହୋଇଥିଲେ। ବ୍ଲକ ଅଧକ୍ଷ ଜିତୁ ବୁରୁଡ଼ିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସତ୍ୟ ପାଣଗ୍ରାହୀ, ମାଲକାନଗିରି ବିଧାୟକ ପ୍ରତିନିଧି ଏସ. ମହେଶ୍ୱର ରାଓ, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ପଡ଼ିଆମି, ଜିଲା ପରିଷଦ ସଭ୍ୟ ମଙ୍ଗୁ ଖିଲ, ବିଇଓ ଅସିତ୍ ମିସ୍ତ୍ରି, ବ୍ଲକ ଅନ୍ତର୍ଗତ ୧୨ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପଡ଼ିଆରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ଜିଲାର ସଂସ୍କୃତି ଓ ପରମ୍ପରା ଉପରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଜାତୀୟ, ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

## କୋରାପୁଟ ପ୍ରତିଯୋଗୀଙ୍କ ସଫଳତା




ଜାତୀୟ ଭାରୋତ୍ତୋଳନରେ ଅଂଶଗ୍ରହଣ କରିଥିବା କୋରାପୁଟର ପ୍ରତିଯୋଗୀ।

**କୋରାପୁଟ,୧୧।୧(ସ୍ୱ.ପ୍ର.)**

ଛତିଶଗଡ଼ର ରାୟଗଡ଼ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ୬ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସେଥିରେ କୋରାପୁଟ ମ୍ୟୁନିସିପାଲିଟି ଜିମନାଜିମର ୪ ଜଣ ପ୍ରତିଯୋଗୀ ଥିଲେ। ସେମାନଙ୍କ ମଧ୍ୟରୁ ୧୦୫ କେଜି ବିଭାଗରେ ଭବାନୀ ଶଙ୍କର ମିଶ୍ର ଦତବତୀୟ ପୁରସ୍କାର ପାଇଥିବାବେଳେ ୮୩ କେଜି ବିଭାଗରେ ସତ୍ୟନାରାୟଣ ପାଣିଙ୍କୁ ବ୍ରୋଞ୍ଜ ପଦକ ଏବଂ ୯୩ କେଜି ବିଭାଗରେ ଅଜିତ ପଣ୍ଡାଙ୍କୁ ବ୍ରୋଞ୍ଜ ଏବଂ ସଞ୍ଜୟ ନାଥଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଜିଲାକୁ ଏହି ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ପଦକ ଓ ୩ ଟି ବ୍ରୋଞ୍ଜ ପଦକ ମିଳିଛି। କ୍ରୀଡ଼ାବିତ୍‌ମାନଙ୍କୁ ଜିଲାପାଳ ଅବଦାଲ ଏମ୍. ଅଖତାର, ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ସମ୍ମାନିତ କରିଥିବା ଜଣାଯାଇଛି ।

ସେହିପରି ରାୟଗଡ଼ା ଜିଲାର ଗୁଣପୁରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ କୋରାପୁଟ ମ୍ୟୁନିସିପାଲିଟି ଜିମନାଜିମର ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ପଦକ ଜିତି କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି। ବସନ୍ତ ମହୋତ୍ସବ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ମାଷ୍ଟର ୱାନ ବିଭାଗରେ କୋରାପୁଟ ଜିମ୍‌ର ସପନ ବସନ୍ତିଆଙ୍କୁ ୨ଟି ସ୍ୱର୍ଣ୍ଣପଦକ ମିଳିଥିବାବେଳେ ସୌମେନ୍ଦ୍ର ବେହେରାଙ୍କୁ ୨ଟି ବ୍ରୋଞ୍ଜ, ଜୁନିୟର ବିଭାଗରେ ନିଖିଲ ପାତ୍ରଙ୍କୁ ୨ଟି ସ୍ୱର୍ଣ୍ଣପଦକ ଓ ସବ୍‌ଜୁନିୟର ବିଭାଗରେ ରୋହିତ ପାତ୍ରଙ୍କୁ ଦୁଇଟି ସ୍ୱର୍ଣ୍ଣ ପଦକ, ଜୁନିୟର ବିଭାଗରେ ସୁଶାନ୍ତ ଗୌଡ଼ ଗୋଟିଏ ସ୍ୱର୍ଣ୍ଣପଦକ ଓ ସ୍ୱାଧୀନ ପଣ୍ଡା ଓ ଦୀପକ ସାଉନ୍ତାଙ୍କୁ ୨ଟି ସ୍ୱର୍ଣ୍ଣପଦକ, ଅବିନାଶ ପାଣିଗ୍ରାହୀଙ୍କୁ ଗୋଟିଏ ରୌପ୍ୟ ପଦକ ମିଳିଥିବା ଜିମ୍‌ର ସମ୍ପାଦକ ଭବାନୀ ଶଙ୍କର ମିଶ୍ର କହିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟସାମଗ୍ରୀକୁ ନେଇ ଖାଦ୍ୟମେଳା




ଖାଦ୍ୟମେଳାରେ ଉପସ୍ଥିତ ଅତିଥିମାନେ।

**ମାଲକାନଗିରି,୧୧।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ନେତାଜୀ ଉନ୍ନୟନ ସୋସାଇଟି ପକ୍ଷରୁ ମାଣ୍ଡିଆରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀକୁ ନେଇ ଏକ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ମିଠା, ପିଠା, ଚଟପଟି, ମସଲାଦାର ମିକ୍ସଚର ଆଦି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝି, ବିଡିଓ ହୃଦାନନ୍ଦ ସାହୁ ଅତିଥି ରୂପେ ଷ୍ଟଲ ପରିଦର୍ଶନ କରି ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଖାଇ ପ୍ରସ୍ତୁତକାରୀଙ୍କୁ ପ୍ରଶଂସା କରିଥିଲେ।

# ମାଲ୍ୟବନ୍ତ ମହୋତ୍ସବ ଅବସରରେ ଚିତ୍ରକୋଣ୍ଡାରେ କଳସ ଶୋଭାଯାତ୍ରା

**ଚିତ୍ରକୋଣ୍ଡା,୧୧।୧ (ଡି.ଏନ୍.ଏ.)**

ମାଲ୍ୟବନ୍ତ ମହୋତ୍ସବ ହେଉଛି ମାଲକାନଗିରି ଜିଲାର ଗଣପର୍ବ। ଏବେ ଏହି ପର୍ବ ବିଭିନ୍ନ ବ୍ଲକସ୍ତରରେ ଚାଲିଛି। ବୁଧବାର ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିପାଇଁ ଚିତ୍ରକୋଣ୍ଡା ବ୍ଲକ ଉତ୍ସବ ମୁଖର ହୋଇ ଉଠିଛି। ବିଶାଳ କଳସ ଶୋଭାଯାତ୍ରା ଅବସରରେ ଅନ୍ୟମାନଙ୍କ ସହ ଜିଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଓ ଜିଲା ପରିଷଦ ସଭ୍ୟା ବିନତି ଖିଲ ଯୋଗ ଦେଇଥିଲେ। ଆଦିବାସୀଙ୍କ ପାରମ୍ପରିକ ଢେମସା ନୃତ୍ୟରେ ବିଧାୟକ, ବିଡିଓ, ତହସିଲଦାର ପ୍ରଶାସନିକ ଅଧିକାରୀ, ପଞ୍ଚାୟତ ଜନ ପ୍ରତିନିଧି ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ। ବ୍ଲକ ଅଧକ୍ଷା ଖିଲ ଓ ବିଡିଓ ରଘୁନାଥ ମୁଣ୍ଡାରିଙ୍କ ନେତୃତ୍ୱରେ ରୀତି ନୀତି ଅନୁଯାୟୀ ଚିତ୍ରକୋଣ୍ଡା ଦୁର୍ଗାମନ୍ଦିର ପୀଠ ସିଲେରୁ ନଦୀରୁ ପୂଜାର୍ଚ୍ଚନା ସହ ଜଳ କଳସ ଉଠାଇଥିଲେ ମୁଖ୍ୟ ଅତିଥି ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷା ଟାଙ୍ଗୁଲ, ତହସିଲଦାର ଟି. ପଦ୍ମନାଭ ଦୋରା, ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ଏସ୍‌ଡିଓ ଉମାଶଙ୍କର ସାହୁ, ସିଡିପିଓ ଏ. ଅନ୍ନପୂର୍ଣ୍ଣାଙ୍କ ସମେତ ଅନ୍ୟମାନେ ଶୋଭାଯାତ୍ରାରେ ଚିତ୍ରକୋଣ୍ଡା ସହର ଓ କଲୋନୀ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ମିନି ଷ୍ଟାଡିୟମ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମହୋଇଥିଲା। ଏଠାରେ ପିଇଓ ହେମନ୍ତ ଭୂୟାଁ, କନିଷ୍ଠଯନ୍ତ୍ରୀ ନୟନ ସରକାର, ସହାୟକ ଯନ୍ତ୍ରୀ ସୂର୍ଯ୍ୟମଣି ବେହେରା, ସିପି ସୁଧାମୟ ମଣ୍ଡଳ, ବିପିଏମ୍ ପର୍ଶୁରାମ ବେହେରା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ।



ଜଳ କଳସ ଧରି ମହିଳାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

